# ଗ୍ରାମୀଣ କୃଷି ମୌସମ ସେବା

ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତି ବିଦ୍ୟା ସଂପ୍ରସାରଣ କେନ୍ଦ୍ର
ରାଣୀତାଲ, ଭଦ୍ରକ, ଓଡ଼ିଶା-୭୫୬୧୧୧
(ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟ)

**ପତ୍ରିକା ସଂଖ୍ୟା- ୧୦୧/୨୫**

**ଜିଲ୍ଲା-ବାଲେଶ୍ୱର** ତା.୧୯.୧୨.୨୦୨୫

**ପାଣିପାଗ ପୂର୍ବାନୁମାନ (ତା.୨୪.୧୨.୨୦୨୫ ପର୍ଯ୍ୟନ୍ତ )-:** ଆଞ୍ଚଳିକ ପାଣିପାଗ କେନ୍ଦ୍ରର ପୂର୍ବାନୁମାନ ଅନୁଯାୟୀ,ଜିଲ୍ଲାରେ ଆସନ୍ତା ୫ ଦିନ ଶୁଖିଲା ପାଗର ସମ୍ଭାବନା ଅଛି ।ପବନର ବେଗ ୦୮-୦୯ କିମି / ଘଣ୍ଟା ମଧ୍ୟରେ ରହିବାର ସମ୍ଭାବନା ରହିଛି | ସର୍ବାଧିକ ତାପମାତ୍ରା ଏବଂ ସର୍ବନିମ୍ନ ତାପମାତ୍ରା ଆସନ୍ତା ପାଞ୍ଚ ଦିନ ପାଇଁ ଯଥାକ୍ରମେ ୨୬-୨୭°C ଏବଂ ୦୮-୦୯°C ରହିବାର ସମ୍ଭାବନା ରହିଛି |

| DISTRICT | Date | Rainfall (mm) | T-MAX (C ) | T-MIN (C ) | Cloud Cover | Rh Max (%) | Rh Min (%) | Wind speed (kmph) | Wind Direction (deg) |
|---|---|---|---|---|---|---|---|---|---|
| BALASORE | 2025-12-20 | 0 | 27 | 9 | 0 | 78 | 38 | 8 | 347 |
| | 2025-12-21 | 0 | 27 | 9 | 0 | 80 | 38 | 7 | 342 |
| | 2025-12-22 | 0 | 27 | 9 | 3 | 76 | 36 | 9 | 358 |
| | 2025-12-23 | 0 | 26 | 9 | 1 | 72 | 35 | 8 | 344 |
| | 2025-12-24 | 0 | 26 | 9 | 1 | 69 | 37 | 7 | 337 |

**ପାଣିପାଗଭିତ୍ତିକ କୃଷି ଓ ପଶୁପାଳନ ଉପଦେଶ**

| | | |
|---|---|---|
| **ସାଧାରଣ ଉପଦେଶ** | ➢ ଗତ ସପ୍ତାହରେ ଜିଲ୍ଲାରେ ୦୦.୦ ମିମି ବର୍ଷା ହୋଇଛି। କୁହୁଡ଼ି , କମ୍ ତାପମାତ୍ରା ରୁ ଫସଲକୁ ରକ୍ଷା କରିବା ପାଇଁ ସକାଳ ସମୟରେ ଠିଆ ଫସଲ ଏବଂ ପନିପରିବାକୁ ହାଲୁକା ଜଳସେଚନ କରନ୍ତୁ।<br>➢ ରାତିର ତାପମାତ୍ରା ଏବଂ କୁହୁଡ଼ି କମ୍ ଥିବାରୁ , ରବି ଫସଲ ଏବଂ ପନିପରିବାରେ ଶୋଷକ କୀଟ , ପତ୍ର ପୋଡ଼ା ଏବଂ ପାଉଁଶିଆ ରୋଗ ଆକ୍ରମଣର ସମ୍ଭାବନା ରହିଛି ,ତେଣୁ ଏହାର ନିରାକରଣ କରନ୍ତୁ ।<br>➢ ରବି ପନିପରିବାରେ ଘାସ ବାଛି କୋଡା ଖୋସା କରନ୍ତୁ ।<br>➢ ଚାଷୀଙ୍କୁ ଖରିଫ ଫସଲର ଅବଶିଷ୍ଟାଂଶ କ୍ଷେତରେ ଜାଳି ନଦେବାକୁ ପରାମର୍ଶ , କାରଣ ଏହା କେବଳ ପରିବେଶକୁ ପ୍ରଦୂଷିତ କରେ ନାହିଁ ବରଂ ସ୍ୱାସ୍ଥ୍ୟଗତ ସମସ୍ୟା ମଧ୍ୟ ସୃଷ୍ଟି କରିଥାଏ।<br>➢ ଧାନ ଅମଳ ପରେ, ବିରି ଏବଂ ମୁଗ ଭଳି ଡାଲି ବିହନ ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ । | |
| **ଫସଲର ନାମ** | **ଫସଲର ଅବସ୍ଥା** | **ପାଣିପାଗ ଭିତ୍ତିକ ପରାମର୍ଶ** |
| **ଖରିଫ ଧାନ** | **ଅମଳ ପରବର୍ତ୍ତୀ ଅବସ୍ଥା** | ➢ ଗୋଦାମ ରେ ପୋକ ନ ଆସିବା ପାଇଁ ଲମ୍ବଡା ସିଯାହାଲୋଥ୍ରିନ 4.9CS @ 1.5ml / li ସ୍ପ୍ରେ କରନ୍ତୁ ଏବଂ ସଫା କରନ୍ତୁ ।<br>➢ ଖଳା ଏବଂ ସଂରକ୍ଷଣ ସ୍ଥାନକୁ ସ୍ୱଚ୍ଛ ଏବଂ ଜୀବାଣୁନାଶକ କରନ୍ତୁ। |
| **ସୋରିଷ** | **ଅଙ୍ଗୀୟ ଅବସ୍ଥା** | ➢ ଫସଲକୁ ଜଳସେଚନ କରନ୍ତୁ ଏବଂ କୀଟପତଙ୍ଗ ନିରୀକ୍ଷଣ କରନ୍ତୁ।<br>➢ ହେକ୍ଟର ପ୍ରତି ତୋରିଆ କିସମ ପାଇଁ ୬୦ କି.ଗ୍ରା. ଯବକ୍ଷାରଜାନ, ୩୦ କି.ଗ୍ରା. ଫସଫରସ ଓ ୩୦ କି.ଗ୍ରା. ପୋଟାସ ସାର ଓ ଅଧିକ ଦିନିଆ ସୋରିଷ କିସମ ପାଇଁ ୮୦ କି.ଗ୍ରା. ଯବକ୍ଷାରଜାନ , ୪୦ କି.ଗ୍ରା. ଫସଫରସ ଓ ୪୦ କି.ଗ୍ରା. ପୋଟାସ ସାର ପ୍ରୟୋଗ କରନ୍ତୁ। ଏହା ସହିତ ୪୦ କି.ଗ୍ରା. ସଲଫର , ୫ କି.ଗ୍ରା. ଜିଙ୍କ ଓ ୧ କି.ଗ୍ରା. ବୋରୋନ ପ୍ରୟୋଗ କରିବା ଆବଶ୍ୟକ। |
| **ମୁଗ ଏବଂ ବିରି** | | ➢ ଧାନ ଅମଳ ପରେ, ବିରି ଏବଂ ମୁଗ ଭଳି ଡାଲି ବିହନ ବୁଣିବା ପାଇଁ ଜମି ପ୍ରସ୍ତୁତ କରନ୍ତୁ ।<br>➢ ମୁଗ ଓ ବିରି ଫସଲରେ ପ୍ରାରମ୍ଭିକ ଅବସ୍ଥାରେ ଧଳାମାଛି ଓ ଅନ୍ୟାନ୍ୟ ଶୋଷକ କୀଟ ମାନଙ୍କ ଦାଉରୁ ଫସଲକୁ ସୁରକ୍ଷା ଦେବାପାଇଁ ୧ କିଗ୍ରା ମଞ୍ଜି ପ୍ରତି ବିହନ ସହିତ (କାର୍ବୋକ୍ସିନ୍ + ଥିରାମ) @ 2 ଗ୍ରାମ୍ ବିହନ ବିଶୋଧନ କରି ବୁଣନ୍ତୁ କିମ୍ବା ଉପରୋକ୍ତ କୀଟନାଶକ ବ୍ୟବହାରର 7 ଦିନ ପରେ ବିହନ ବୁଣିବା ପୂର୍ବରୁ ନିର୍ଦ୍ଦିଷ୍ଟ ରାଇଜୋବିୟମ୍ କଲଚର ସହିତ ବିହନ ବିଶୋଧନ କରନ୍ତୁ। |

| | | |
|---|---|---|
| | | ➢ ବିହନ ବୁଣିବା ଦିନ ପ୍ରତି କିଗ୍ରା ବିହନରେ,୨୦ ଗ୍ରାମ ରାଇଜୋବିୟମ ଜୀବାଣୁକଲଚର ସହିତ ଗୋଳାଇ ଛାଇରେ ଶୁଖାଇ ଜମିରେ ବୁଣନ୍ତୁ। ➢ ଶେଷ ଓଡ ଚାଷ ସମୟସର ଏକର ପ୍ରତି ୨ଟନ ଶଢା ଗୋବର ଖତ କିମ୍ବା କମ୍ପୋଷ୍ଟ ସହିତ ୩୫ କେଜି ଡ଼ିଏପି, ୧୩ କେଜି ମ୍ୟୁରେଟ ଅଫ ପଟାସ ଏବଂ ୪ କେଜି ୟୁରିୟା ମୂଳ ସାର ହିସାବରେ ପ୍ରୟୋଗ କରନ୍ତୁ। ➢ ଧାଡି କୁ ଧାଡି ବ୍ୟବଧାନ ୨୫ ସେ.ମି. x ୧୦ ସେ.ମି. ରଖନ୍ତୁ । |
| ପନିପରିବା | **ଫୁଲ ଅବସ୍ଥା** | ➢ ବାଇଗଣ ଫସଲରେ ଫଳ ଏବଂ କାଣ୍ଡ ବିନ୍ଧା ପୋକକୁ ନିୟନ୍ତ୍ରଣ କରିବା ପାଇଁ, ପ୍ରାରମ୍ଭିକ ପର୍ଯ୍ୟାୟରେ ନିମ ଆଧାରିତ କୀଟନାଶକ 1500ppm @ 600ml/ଏକର ସ୍ପ୍ରେ କରନ୍ତୁ। ପରେ 15 ଦିନ ବ୍ୟବଧାନରେ ସ୍ପିନୋସାଡ୍ ୪୫ % SC @ ୭୦ ml/ଏକର ସ୍ପ୍ରେ କରନ୍ତୁ। ➢ ଲଙ୍କା ଫସଲରେ ଶୋଷକ ପୋକ ନିୟନ୍ତ୍ରଣ କରିବା ପାଇଁ, ୧୦ ଲିଟର ପାଣିରେ ଇମିଡାକ୍ଲୋପ୍ରିଡ୍ @ 5 ମିଲି ସ୍ପ୍ରେ କରନ୍ତୁ। ➢ ଶୀତ ଦିନିଆ ପନିପରିବା ଯଥା କୋବି , ବାଇଗଣ, ଟମାଟୋ ଓ ଲଙ୍କା ଫସଲରେ ପତ୍ରଖିଆ ଓ ଫଳବିନ୍ଧା ପୋକର ଦମନ ପାଇଁ ୧ ଲିଟର ପାଣି ପ୍ରତି ୦.୫ ଗ୍ରାମ ଏମାମେକ୍ଟିନ ବେଞ୍ଜୋଏଟ କିମ୍ବା ୦.୪ ମି.ଲି. ସ୍ପିନୋସାଡ ପ୍ରୟୋଗ କରନ୍ତୁ । |
| ଫଳ | | ❖ **ଅମୃତଭଣ୍ଡା**-ଅମୃତଭଣ୍ଡାରେ ଧଳା ମାଛି କୁ ନିୟନ୍ତ୍ରଣ କରିବା ପାଇଁ ହଳଦିଆ ଫାଶ ଯନ୍ତା ଲଗାନ୍ତୁ କରନ୍ତୁ କିମ୍ବା ନିମ୍ ତେଲ ୧୫୦୦ppm @ ୩ ମିଲି / ଲିଟର ପାଣି ଏବଂ ଫ୍ଲୋନିକାମିଡ୍ 50WG @ ୦.୩ଗ୍ରା / ଲିଟରର ସିଂଚନ କରନ୍ତୁ \| |
| ପଶୁପାଳନ | | ❖ ଯଦି ପଶୁମାନଙ୍କୁ ଏଫଏମଡି , ହେମୋରେଜିକ୍ ସେପ୍ଟିକେମିଆ , ବ୍ଲାକ୍ କ୍ୱାର୍ଟର୍ , ଏଣ୍ଟେରୋଟକ୍ସେମିଆ ଇତ୍ୟାଦି ଟୀକାକରଣ କରାଯାଇ ନାହିଁ, ତେବେ ତାହା କରିବା ଆବଶ୍ୟକ \| ❖ ପଶୁମାନଙ୍କୁ ରୋଗ ଏବଂ କୀଟପତଙ୍ଗରୁ ରକ୍ଷା କରିବା ପାଇଁ ଗୁହାଳକୁ ସଫା ଏବଂ ଶୁଷ୍କ ରଖନ୍ତୁ \| |

**ଚାଷରେ ଅଧିକ ଲାଭବାନ ହେବା ପାଇଁ ଓୟୁଏଟି କଳିଙ୍ଗ ଉତ୍ପାଦ (ତାରା , QPM, ଟିସୁ କଲଚର ଗଛ , ଫଳ ଓ ପନିପରିବା , ଯାଆଁଳ, କୁକୁଡା ଚିଆଁ, ଛତୁ, ଛତୁ ମଞ୍ଜି, ଜୈବିକ ସାର, ଜୈବିକ କୀଟନାଶକ, ଜିଆ ଖତ, କୃଷି ଯନ୍ତ୍ରପାତି ଇତ୍ୟାଦି ) ବ୍ୟବହାର କରନ୍ତୁ ।**

ଭାରତୀୟ ପାଣିପାଗ ବିଭାଗର ପୂର୍ବାନୁମାନ ଓ ପାଣିପାଗ ଭିତିକ କୃଷି ସୂଚନା ନିମନ୍ତେ ଅଧିକ ବିବରଣୀ ପାଇଁ MEGHDOOT ମୋବାଇଲ ଆପ ବ୍ୟବହାର କରନ୍ତୁ ।

(Android:https://play.google.com/store/apps/details?id=com.aas.meghdoot)(iOS: https://apps.apple.com/in/app/meghdoot/id1474048155)

Mrs. Meera Mahanty
Jr. Agrometeorologist
AMFU, RRTTS, Ranital

Dr. Biswaranjan Nayak
ADR & NODAL OFFICER
AMFU, RRTTS, Ranital